## କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବନମହୋତ୍ସବ ସପ୍ତାହ ପାଳନ



ଚଳିତ ଜୁଲାଇ ମାସରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବନମହୋତ୍ସବ ସପ୍ତାହ ପାଳନର ମହତ୍ତ୍ୱକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ପ୍ରାୟ ୨୦୦ରୁ ଅଧିକ ଚାଷୀଙ୍କ ମଧ୍ୟରେ ଜାଗୃତା ଭାବ ସୃଷ୍ଟି କରାଯାଇଥିଲା । ଏଥିପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷରୋପଣ ଗୁରୁତ୍ୱ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ କରାଯାଇଥିଲା । ଏହାର ପ୍ରଚାର ଓ ପ୍ରସାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆମ୍ବ, ଶାଗୁଆନ୍, ଆମ୍ବ, ପଣସ ଆଦି ଗଛର ଚାରା ଚାଷୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫୦ଟି ନୂତନ ଆମ୍ବ ବୃକ୍ଷ ରୋପଣ କରାଯାଇଥିଲା ।



## କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବିଶ୍ୱ ଖାଦ୍ୟ ଦିବସ ପାଳନ

କୃଷି ଓ ଖାଦ୍ୟ ପରସ୍ପରର ପରିପୂରକ ହୋଇଥିବାରୁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚଳିତ ଅକ୍ଟୋବର୍ ମାସ ୧୬ ତାରିଖ ଦିନ ସ୍ୱର୍ଣ୍ଣା ଗ୍ରାମରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥିଲା । ଏଥିରେ ପାଖାପାଖି ଆଖ ପାଖ ଗ୍ରାମର ୫୦ ଜଣରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ବୈଜ୍ଞାନିକ ଗଣ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟର ଉପାଦେୟତା ସମ୍ବନ୍ଧରେ ବୁଝାଇଥିଲେ । ଏହା ସହିତ ଆଜିକାଲି ମିଳୁଥିବା ସାର ଓ କୀଟନାଶକ ଫସଲ ଓ ପନିପରିବା ପରିବର୍ତ୍ତେ ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ କରି ଉତ୍ତମ ଗୁଣବାୟୁକ୍ତ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହ ଅତ୍ୟଧିକ ଅମଳ ସମୟରେ ଫଳ ଓ ପନିପରିବାରୁ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରି ଏହାର ସଂରକ୍ଷଣ କରିବା ଉପରେ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହାସହ କୃଷି କାର୍ଯ୍ୟ ପ୍ରତି ଅଧିକ ଆକୃଷ୍ଟ କରିବା ପାଇଁ ଚାଷୀମାନଙ୍କ ମଧ୍ୟରେ ପନିପରିବାର ଚାରା ବଣ୍ଟନ କରାଯାଇଥିଲା ।

## ବିଭିନ୍ନ କୃଷି ସଂପ୍ରସାରଣ କାର୍ଯ୍ୟକ୍ରମ



ଚଳିତ ଖରିଫ ଋତୁରେ ଅଗଷ୍ଟ ମାସରେ ବିଲ୍ଲିଗ୍ରିତ କୃଷି ଜାଗରଣ ଓ କୃଷି ବିଜ୍ଞାନ କେନ୍ଦ୍ର ବରଗଡ଼ର ମିଳିତ ଆନୁକୂଲ୍ୟରେ ଭଟଲିଠାରେ ଏକ ବିରାଟ କୃଷି ପ୍ରଦର୍ଶନୀ ଓ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ମହିନ୍ଦ୍ରା ଟ୍ରାକ୍ଟର କମ୍ପାନୀର ବିଭିନ୍ନ ଉପକରଣ ପ୍ରଦର୍ଶନ କରାଯାଇଥିଲା ଓ ୨୫୦ ଜଣ ଚାଷୀ ଭାଗ ନେଇଥିଲେ ।



ଚଳିତ ରବି ଋତୁ ଆରମ୍ଭରେ ଜୈବିକ ଚାଷ ଉପରେ ଆକାଶବାଣୀ କେନ୍ଦ୍ର ସମ୍ବଲପୁର କେନ୍ଦ୍ର ତରଫରୁ ଏକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ ପଦ୍ଧତିରେ ଜୈବିକ ଚାଷ ଓ ରୋଗପୋକ ନିୟନ୍ତ୍ରଣ ଉପରେ ଆଲୋକପାତ କରାଯାଇଥିଲା ।



ଚଳିତ ବର୍ଷ ଖରିଫ୍ ଋତୁରେ ଆମ କେନ୍ଦ୍ର ତରଫରୁ ପ୍ରାକୃତିକ କୃଷି ଉପରେ ୨ ଗୋଟି ୫ ଦିନିଆ ପ୍ରଶିକ୍ଷଣ ଶିବିର କରାଯାଇଥିଲା ଏହି ଶିବିରରେ ୮୦ ଜଣ ଚାଷୀ ଭାଗନେଇଥିଲେ ଓ ବିଶେଷ କରି ବିନା ଖର୍ଚ୍ଚରେ କୃଷି ଉପରେ ତାଲିମ ପାଇଥିଲେ ।



ଚଳିତବର୍ଷ ଆମକେନ୍ଦ୍ର ତରଫରୁ CSC ସହଜ ସେବା କେନ୍ଦ୍ର ଦ୍ୱାରା ଉପଲବ୍ଧ ବିଭିନ୍ନ କାର୍ଯ୍ୟକ୍ରମ ତଥା e-pashu chikitsha, agri Tele consultancy, ମୃତ୍ତିକା ପରୀକ୍ଷା, କିଷାନ କ୍ରେଡିଟ୍ କାର୍ଡ ଓ କିଷାନ ବଜାର ଉପରେ ୭ଟି ସ୍ଥାନରେ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୫୦ ଜଣ ଚାଷୀ ଭାଗ ନେଇଥିଲେ ।



ଗତ ଖରିଫ୍ ଋତୁରେ ଆମ କେନ୍ଦ୍ର ତରଫରୁ ୭୦ ଜଣ ଚାଷୀଙ୍କୁ ୧୦ କ୍ୱିଣ୍ଟାଲ Bina-୧୧, ପାଣି ବୁଡ଼ି ସହଣୀ କିସମ ଧାନ ଯୋଗାଇ ଦିଆଯାଇଥିଲା । ଏହି କିସମ ୭ଦିନ ପର୍ଯ୍ୟନ୍ତ ପାଣିରେ ବୁଡ଼ି ରହଣୀ ଶକ୍ତି ରହିଛି ।



ଏହି ବର୍ଷ ୨୦୨୪ ଖରିଫରେ ଅମ୍ବାବନା ସ୍ଥିତ ଦେହୁରୀ ଗ୍ରାମରେ ସୌର ଶକ୍ତିଦ୍ୱାରା ପରିଚାଳିତ କୃଷିରେ ବ୍ୟବହାର ହେଉଥିବା Pump, Solar light trap ଇତ୍ୟାଦିର ସଚେତନତା ଶିବିର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୩୦ ଜଣରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନେ ଯୋଗଦାନ ଦେଇଥିଲେ । ଏଥିରେ ସେମାନଙ୍କୁ ଅକ୍ଷୟ ଶକ୍ତି ବିଷୟରେ ଅବଗତ କରାଯାଇ ଏହାର ଉପକାରିତା ବିଷୟରେ ବୁଝାଯାଇଥିଲା ।



ଚଳିତ ବର୍ଷ ଖରିଫ୍ ୨୦୨୪ରେ, ଭେଡେନ୍ ବ୍ଲକ୍ ଅନ୍ତର୍ଗତ ରେମୁଣ୍ଡା ଗ୍ରାମରେ ଶ୍ରୀ ଶିବପ୍ରସାଦ ଖମାରିଙ୍କ କ୍ଷେତ୍ରରେ ଡ୍ରୋନ୍ ଦ୍ୱାରା କୀଟନାଶକ ସିଞ୍ଚନର କ୍ଷେତ୍ର ପ୍ରଦର୍ଶନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୩୦ ଜଣ ଚାଷୀ ଭାଇ ଯୋଗଦାନ ଦେଇଥିଲେ ।



କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ କାର୍ଯ୍ୟାଳୟ ପରିସରଠାରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ୯୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚଳିତ ଜୁଲାଇ ମାସ ୧୫ ଓ ୧୬ ତାରିଖରେ ବୈଷୟିକ ଜ୍ଞାନ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଉର୍ଦ୍ଧ୍ୱଚାଷୀ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।


ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଶ୍ରୀ ନୃସିଂହ ଚରଣ ବାରିକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ସମ୍ପାଦିକା: ଶ୍ରୀମତୀ ସୁଶ୍ରୀତା ସାହୁ, ବୈଜ୍ଞାନିକା (ଗୃହ ବିଜ୍ଞାନ)

ସମ୍ପାଦନା ମଣ୍ଡଳୀ :

ଶ୍ରୀମତୀ ସଙ୍ଘମିତ୍ରା ବିଶ୍ୱାଳ, ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯାନ୍ତ୍ରିକ)

ଡଃ ରାହୁଲ ଦେବ ବେହେରା, ବିଷୟ ବସ୍ତୁ ବିଶେଷଜ୍ଞ (ମୃତ୍ତିକା ବିଜ୍ଞାନ)

ଶ୍ରୀ ଦୀପଙ୍କର ଜେନା, କାର୍ଯ୍ୟ ନିର୍ବାହୀ (ବିହନ ବିଜ୍ଞାନ)



ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ବରଗଡ, ଗମ୍ଭାରୀପାଲି, ପୋ : ଲରମ୍ବା, ଜିଲ୍ଲା : ବରଗଡ, ଓଡ଼ିଶା, ପିନ୍-୭୬୮୧୦୨

E-Mail : kvkbaragarh.ouat@gmail.com, kvk.bargarh@ouat.ac.in

Web site : www.kvkbaragarh.org





Typed & Designed : Sanat Kumar Meher, PA (C), KVK Bargarh.

Printed at : Vinayak Alpha, Bargarh



Krishi Vigyan Kendra
Bargarh
Odisha University of Agriculture & Technology
Bhubaneswar

# ଧନୁଶ୍ରୀ
# Dhanushree

ICAR

କୃଷି ବିଜ୍ଞାନ କେନ୍ଦ୍ର
ବରଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ସପ୍ତଦଶ ବର୍ଷ | ଅକ୍ଟୋବର ୨୦୨୩-ସେପ୍ଟେମ୍ବର ୨୦୨୪ | ପ୍ରଥମ ସଂଖ୍ୟା


## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ବାର୍ତ୍ତା

ବର୍ତ୍ତମାନ କୃଷି କ୍ଷେତ୍ରର ଉତ୍ପାଦନ ବଢ଼ାଇବା ସହ ଉତ୍ପାଦିତ ସାମଗ୍ରୀର ବିକ୍ରି ଓ ମୂଲ୍ୟଯୁକ୍ତ ପ୍ରସ୍ତୁତିର ଆବଶ୍ୟକତା ରହିଅଛି । ଏହି ପରିପ୍ରେକ୍ଷୀରେ ଆମ୍ଭେ ସମସ୍ତେ ବଜାରର ଚାହିଦାକୁ ଆଖିରେ ରଖି କୃଷି ଓ ଆନୁସଂଗିକ ଚାଷକୁ ବଢ଼ାଇବା । ବିଶେଷ କରି ଯାହାର ଅମଳକୁ ସାଇତି ରଖିବାର ସହ ବାହାର ବଜାରକୁ ପଠାଇହେବ, ସେହିପରି ଚାଷର ପରିଚାଳନା କରିବା । ଆମ୍ଭ ଜିଲ୍ଲାର ଚାଷୀମାନେ ବର୍ଷର ବାର ମାସରେ ବିଭିନ୍ନ ଅର୍ଥକାରୀ ଫସଲ ଉତ୍ପାଦନ କରି କୃଷକ ଉତ୍ପାଦକ ସଂଘ ଓ ନିୟନ୍ତ୍ରିତ ବଜାରର ସହାୟତାରେ ବିକ୍ରି କରିବାକୁ ଆଶା କରୁଅଛି ।

ନୃସିଂହ ଚରଣ ବାରିକ



## ମାଣ୍ଡିଆର ଚାରାପୋଡା ରୋଗ ଉପରେ ସଫଳ କ୍ଷେତ୍ର ପରିକ୍ଷଣ



ବିଗତ ବର୍ଷ ୨୦୨୩ ଖରିଫ୍ ଋତୁରେ କୃଷିବିଜ୍ଞାନ କେନ୍ଦ୍ର ବରଗଡ଼ ତରଫରୁ ଭଟଲି ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ମାଣ୍ଡିଆ ଫସଲର ଚାରାପୋଡ଼ା ରୋଗ ନିୟନ୍ତ୍ରଣ ଉପରେ ଏକକ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ Pseudomonas Fluorescens + Trichoderma viride ମିଶ୍ରିତ ଫିମ୍ପି ନାଶକକୁ ୧ କିଗ୍ରା ମାଣ୍ଡିଆ ବିହନ ସହ ବିଶୋଧନ କରାଯାଇ କ୍ଷେତରେ ବୁଣାଯାଇଥିଲା ଓ କ୍ଷେତରେ ଶେଷ ଓଡ଼ ଚାଷ ସମୟରେ ଚୂନ ଏକର ପ୍ରତି ୨୫୦ କିଗ୍ରା ହାରରେ ପ୍ରୟୋଗ କରାଯାଇଥିଲା । ଚାରା ୧୦ ଦିନ ହେବା ପରେ Vitavax 75% ସେଚିତ ଗୁଣ୍ଡ ଲିଟର ପ୍ରତି ୫ ଗ୍ରାମ ଗୋଳାଇ ସିଞ୍ଚନ କରାଯିବା ପରେ ଚାରା ମଡ଼କ ୬.୭% ନିୟନ୍ତ୍ରଣ ହୋଇ ଏକର ପ୍ରତି ୫୪୫ କିଗ୍ରା ଅମଳ ମିଳିଥିଲା ।

## ଧାନ ଫସଲରେ ନାନୋ ୟୁରିଆ ତରଳ ସାରର କ୍ଷେତ୍ର ପରୀକ୍ଷଣ



ବରଗଡ଼ ଜିଲ୍ଲାର ଫସଲ ଧାନରେ ସାଧାରଣତଃ ଚାଷୀମାନେ ବହୁଳ ମାତ୍ରାରେ ୟୁରିଆ ସାରର ପ୍ରୟୋଗ କରିଥାନ୍ତି । ଏହାଦ୍ୱାରା ମାଟିରେ ଭୌତିକ, ରାସାୟନିକ ଓ ଜୈବିକ ଗୁଣ ନଷ୍ଟ ହେବା ସହିତ ଫସଲରେ ରୋଗ ଓ ପୋକର ସମସ୍ୟାକୁ ବଢ଼ାଇ ଦେଇଥାଏ । ଏହାର ନିୟନ୍ତ୍ରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ତରଫରୁ ନାନୋ ୟୁରିଆ ତରଳ ସାର ଉପରେ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ବରପାଲୀ ବ୍ଲକ୍‌ର ବୁଲାଟ ଗ୍ରାମରେ କରାଯାଇଥିଲା । ଏହି ପରୀକ୍ଷଣରେ ଚାଷୀମାନେ ୟୁରିଆ ସାରର ପ୍ରୟୋଗ ୫୦ ପ୍ରତିଶତ ଏବଂ ୭୫ ପ୍ରତିଶତ ପକାଇବା ସହିତ ୦.୨ ପ୍ରତିଶତ ନାନୋ ୟୁରିଆ ତରଳ ସାରକୁ ଦୁଇଥର ପତ୍ର ସିଞ୍ଚନ କରିଥିଲେ । ସେଥିରୁ ଜଣାପଡ଼ିଥିଲା ଯେ ୭୫ ପ୍ରତିଶତ ୟୁରିଆ ସାର ସହିତ ୦.୨ ପ୍ରତିଶତ ନାନୋୟୁରିଆ ସାରର କମ୍ ପ୍ରୟୋଗ ହୋଇଅଛି । ଏତଦ୍ଦ୍ୱାରା ୟୁରିଆ ସାରରୁ ମାଟିରେ ପଡୁଥିବା କୁପ୍ରଭାବକୁ କମା ଯାଇପାରୁଛି ।

## ଧାନରେ ଟ୍ରାକ୍ଟର ଚାଳିତ ମଞ୍ଜିବୁଣା ଯନ୍ତ୍ରର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ



ଖରିଫ୍ ୨୦୨୩ରେ ଧାଡ଼ି ବୁଣା ଧାନର କ୍ଷେତ୍ର ପ୍ରଦର୍ଶନ ବରଗଡ଼ ଜିଲ୍ଲାର ୨ଟି ବ୍ଲକ୍‌ର ୪ଟି ଗ୍ରାମରେ ହୋଇଥିଲା । ଏଥିରେ ୧୦ ଜଣ ଚାଷୀମାନଙ୍କୁ ଟ୍ରାକ୍ଟର ଚଳିତ ମଞ୍ଜି ବୁଣା ଯନ୍ତ୍ର ଦ୍ୱାରା Bina-11 ଓ ସ୍ୱର୍ଣ୍ଣଶ୍ରେୟା କିସମର ଧାନ ବୁଣା ଯାଇଥିଲା । ଏଥିରେ ଧାନର ଅମଳ ଭଲ ଥିଲା ଓ ଲଟାମାରାର ଠିକ୍ ସମୟରେ ବ୍ୟବହାର ହେତୁ ଲଟା ମଧ୍ୟ ନିୟନ୍ତ୍ରଣ କରାଯାଇଥିଲା । ଏହା ୨୦୨୩ ଖରିଫ ଜୁନ୍ ମାସ ପ୍ରଥମ ସପ୍ତାହରେ ଚାଷ କରି ଯନ୍ତ୍ର ଦ୍ୱାରା ଧାଡ଼ିରେ ମଞ୍ଜି ବୁଣା ଯାଇଥିଲା ଏବଂ ବର୍ଷା ହେବା ପରେ ଧାଡ଼ିରେ ଧାନ ଉଠିଥିଲା । ଏହି ପଦ୍ଧତି ଦ୍ୱାରା ଲେବରର ଆବଶ୍ୟକତା ବହୁତ୍ କମ୍ ହୋଇଥାଏ ଓ ପାଣିର ଆବଶ୍ୟକତା ବହୁତ୍ କମ୍ ହୋଇଥାଏ । ଯେଉଁଠି ରୁଆ ଧାନରେ ୪୫ ଲେବର ହେକ୍ଟର ପିଛା ଆବଶ୍ୟକ ହୋଇଥାଏ ସେଇଠି ଟ୍ରାକ୍ଟର ଚଳିତ ମଞ୍ଜି ବୁଣା ଯନ୍ତ୍ରରେ ୪ଟି ଲେବରର କାର୍ଯ୍ୟ ହୋଇପାରିଥିଲା ।

## କୃଷି ବିଜ୍ଞାନ କେନ୍ଦ୍ରରେ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର



ଚଳିତ ଅକ୍ଟୋବର ମାସରେ କୃଷି ବିଜ୍ଞାନ କେନ୍ଦ୍ରର ସମ୍ମିଳନୀ କକ୍ଷ ମଧ୍ୟରେ ଆତ୍ମା, ବରଗଡ଼ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୫୦ ଜଣରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରଗଡ଼ର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦ୍ରୀୟ ଗାଈ ପ୍ରଜନନ ଫାର୍ମର ନିର୍ଦ୍ଦେଶକ, ଚିପିଲିମା କୃଷି ମହାବିଦ୍ୟାଳୟର ଉଦ୍ୟାନ ଓ ଶସ୍ୟ ଫସଲ ବିଭାଗର ଅଧ୍ୟାପକମାନଙ୍କ ସହ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଗଣ ଉପସ୍ଥିତ ରହି ଚାଷୀମାନଙ୍କର କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ସମସ୍ୟାର ସମାଧାନ ଉପରେ ବିଶେଷ ଆଲୋଚନା କରାଯାଇଥିଲା । ଏଥିରେ ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀରେ ସମନ୍ୱିତ ଚାଷ କରି ଲାଭବାନ ହେବାକୁ ପରାମର୍ଶ ଦିଆଯାଇଥିଲା ।

## ପିଆଜର କନ୍ଦାପଚା ରୋଗର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ



ଗତ ରବି ଋତୁରେ ପିଆଜ ଫସଲର କନ୍ଦାପଚା (Purple blotch) ରୋଗ ନିୟନ୍ତ୍ରଣ ଉପରେ ଏକ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନୀ ୨ ଏକର ଜମି ରେ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନୀ ରେ ପିଆଜ ମଞ୍ଜିକୁ (Carboxin 37.5% + Thiram 37.5%) ମିଳିତ ଫିମ୍ପିନାଶକରେ ୨ଗ୍ରା ଲିଟର ପ୍ରତି ଗୋଳାଇ ବିଶୋଧନ କରାଯାଇଥିଲା ଓ ରୋଗ ଲାଗିବାର ୧୫ଦିନ ଅନ୍ତରରେ Tebuconazole 25EC, ୧ ମିଲି ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରାଯାଇଥିଲା । ଏହି ଉପଚାର ଦ୍ୱାରା ପିଆଜ ଏକର ପ୍ରତି ୭୧.୯୨ କ୍ୱିଣ୍ଟାଲ୍ ଅମଳ ହୋଇଥିଲା ଯାହାକି ଚାଷୀଙ୍କ ଅମଳ ତୁଳନାରେ ୫୮.୨୭% ଅଧିକ ହୋଇଥିଲା ଓ ଲାଭ ଏକର ପ୍ରତି ଟ. ୪୦,୩୦୦ଙ୍କା ହୋଇଥିଲା ।

## କଞ୍ଚା ପଣସର ପ୍ରକ୍ରିୟା କରଣ ଉପରେ ସଫଳ କ୍ଷେତ୍ର ପରୀକ୍ଷଣ



କଞ୍ଚା ପଣସ ସ୍ୱାଦଯୁକ୍ତ ହୋଇଥିବାରୁ ଦିନକୁ ଦିନ ସ୍ଥାନୀୟ ବଜାରରେ ଏହାର ଚାହିଦା ବଢ଼ିବାରେ ଲାଗିଛି । ଏହା ତୋଳିବା ପରେ ବିକ୍ରି ପାଇଁ ୩ ଦିନ ପର୍ଯ୍ୟନ୍ତ ସତେଜ ରହୁଥିବା ସ୍ଥଳେ କଟା ହୋଇ ବିକ୍ରି କଲେ ମାତ୍ର ୧ ଦିନ ସତେଜ ରହିଥାଏ । ତେଣୁ ବଳକା ପଣସକୁ ଚାଷୀମାନେ ବିକ୍ରି କରିବା ସମୟରେ ରଙ୍ଗ ଓ ସତେଜତା ହ୍ରାସ ଯୋଗୁଁ ଉଚିତ୍ ଦାମ୍ ପାଇପାରନ୍ତି ନାହିଁ । ଏହି ସମସ୍ୟାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନାଇକେନ୍ ପାଲି ଗ୍ରାମରେ ସଫଳ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏହାଦ୍ୱାରା ପଣସ କାଟିବା ପରେ ଏହାକୁ ସାଇଟ୍ରିକ୍ ଏସିଡ୍ ଏବଂ ଆସ୍କରବିକ୍ ଏସିଡ୍ ଦ୍ରବଣରେ ୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ଏହାକୁ ଶୁଖାଇ କଣାଥିବା ଜରିରେ ଭରି ଫ୍ରିଜ୍‌ରେ ରଖିବା ଦ୍ୱାରା ଏହା ୬ ଦିନ ପର୍ଯ୍ୟନ୍ତ ସତେଜ ରହିବା ସହିତ ରଙ୍ଗ ମଧ୍ୟ ବଜାୟ ରହିପାରିଥିଲା । ଏହାଦ୍ୱାରା ୧୦ କେ.ଜି. ପ୍ରତି ଚାଷୀମାନଙ୍କୁ ଅଧିକ ୧୬୬ ଟଙ୍କା ମିଳି ପାରିଥିଲା ।

## ପିଆଜ ଫସଲରେ ସମନ୍ୱିତ ଖାଦ୍ୟସାରର ପରିଚାଳନାର କ୍ଷେତ୍ର ପ୍ରଦର୍ଶନ



ପନିପରିବା ଫସଲରେ ପିଆଜ କୁ ବରଗଡ଼ ଜିଲ୍ଲାରେ କୃଷକମାନେ ଚାଷ କରି ରୋଜଗାରକ୍ଷମ ହୋଇ ପାରୁଛନ୍ତି । କିନ୍ତୁ ପିଆଜର ସଠିକ୍ ଭାବରେ ଅମଳ ନହେବା ସହିତ ପିଆଜ ଆକାର ମଧ୍ୟ ଛୋଟ ହେଉଥିବାରୁ ବେପାର ବାଣିଜ୍ୟରେ ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏହାର ମୁଖ୍ୟ କାରଣ ଚାଷୀମାନେ ଗଛକୁ ଦରକାର ଅନୁଯାୟୀ ସଠିକ ସାର, ସଠିକ ସମୟରେ ଏବଂ ସଠିକ ଅନୁପାତରେ ନପକେଇବାରୁ ହେଉଅଛି । ଏହାର ନିୟନ୍ତ୍ରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କୁତାପାଲ୍ଲୀ ଏବଂ ଅମାମୁଣ୍ଡା ଗ୍ରାମରେ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଛକୁ ଦରକାର ଅନୁଯାୟୀ ମୁଖ୍ୟସାର ସହିତ କନ୍‌ସୋରସିଆ ଜୀବଣୁସାର ହେକ୍ଟର ପ୍ରତି ୪ କି.ଗ୍ରା., ବୋରାକ୍ସ ସାର ହେକ୍ଟର ପ୍ରତି ୫ କି.ଗ୍ରା. ଏବଂ ଜିଙ୍କ୍ ସାର ହେକ୍ଟର ପ୍ରତି ୧୦ କି.ଗ୍ରା. ପ୍ରୟୋଗ କରାଯାଇଥିଲା । ଏହାଦ୍ୱାରା ପିଆଜ ଫସଲରେ ପିଆଜର ଆକାର ବଡ଼ ହେବା ସହିତ ହେକ୍ଟର ପିଛା ଅମଳ ୨୧୬ କ୍ୱିଣ୍ଟାଲ୍ ଆସିଥିଲା ।

## ଡାଲି ଜାତୀୟ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ପ୍ରାମାଣିକ ବହିନ ଉତ୍ପାଦନ



ଆମ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଡାଲି ଜାତୀୟ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ୨୦୧୬ ମସିହା ଠାରୁ ଚାଲିଆସୁଅଛି । ବଜାରରେ ହରଡ଼ ଓ ମୁଗ ବିହନର ଚାହିଦା ଥିବାରୁ ବିଗତ ବର୍ଷ ବିହନ ଉତ୍ପାଦନ ପାଇଁ ଖରିଫ ଋତୁରେ ହରଡ଼ ଏବଂ ରବି ଋତୁରେ ମୁଗ ଦିଆଯାଇଥିଲା । ଏଥିରେ ହରଡ଼ LRG-52 (ଅମରାବତୀ) କିସମର ବିହନ ୩୦୦ କିଗ୍ରା ଏବଂ ମୁଗ କିସମର IPM 205-7 (ବିରାଟ) ୨୦୦ କିଗ୍ରା ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା । ଏହି ହରଡ଼ କିସମଟିର ୧୫୦-୧୬୦ ଦିନ ଅବଧି ବିଶିଷ୍ଟ । ଏହାର ଛୁଇଁ ଗାଢ଼ ଲାଲ ରଙ୍ଗର ଓ ମଞ୍ଜି ଗାଢ଼ ମାଟିର ରଙ୍ଗର । ମୁଗ ବିହନଟି ବଡ଼ଛୁଇଁ ଏବଂ ମଞ୍ଜି ଗୋଟା ବେଡ଼, ଇଷତ ସବୁଜ ରଙ୍ଗର । ଏହି କାର୍ଯ୍ୟକ୍ରମରେ ୨ଟି ବ୍ଲକ୍‌ର ଚାଷୀ ସମ୍ପୃକ୍ତ ଥିଲେ । ଏଥି ପାଇଁ ସେମାନଙ୍କୁ ମଞ୍ଜି ବିଶୋଧନ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ଖତସାର ପ୍ରୟୋଗ ଆବଶ୍ୟକ ମୁତାବକ ରୋଗ ପୋକ ପରିଚାଳନା ଉପରେ ସମୟ ଅନୁଯାୟୀ ପରାମର୍ଶ ଦିଆଯାଇଥିଲା । ଏତଦ୍ ବ୍ୟତୀତ ମଞ୍ଜିର ଶୁଦ୍ଧତା ଦେଖି କାର୍ଯ୍ୟ ମଧ୍ୟ ବିହନ ପ୍ରମାଣନ ଅଧିକାରୀଙ୍କ ଦ୍ୱାରା କରାଯାଇ ଥିଲା । ଅମଳ ପରେ ମଞ୍ଜିକୁ ଚାଷୀମାନେ ପ୍ରମାଣିକ ବିହନର ପ୍ରକ୍ରିୟାକରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼କୁ ଆସିଥିଲା । ଏଥିରୁ ଆନୁମାନିକ ୨୫୦୦ କିଗ୍ରା ହରଡ଼ ବିହନ ଅମଳର ସମ୍ଭାବନା ରହିଅଛି ।



## କଖାରୁ ଫସଲରେ ସମନ୍ୱିତ ରୋଗ ନିୟନ୍ତ୍ରଣ ଉପରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନୀ



ବିଗତ ଖରିଫ ୨୦୨୩ ଋତୁରେ ସୋହେଲା ବ୍ଲକ୍ ଅନ୍ତର୍ଗତ ସରକଣ୍ଡା ଗ୍ରାମରେ କଖାରୁ ଫସଲରେ ଏକ ସମନ୍ୱିତ ରୋଗ ନିୟନ୍ତ୍ରଣ ଉପରେ ଏକ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏହି ପ୍ରଦର୍ଶନୀରେ କ୍ଷେତ୍ର ଚାରିପଟେ ୨ ଧାଡ଼ି ମକାକୁ ବାଡ଼ ଫସଲ ହିସାବରେ ଲଗା ଯାଇଥିଲା ଓ ବିହନ ବିଶୋଧନ ପରେ ବିହନ ଲଗାଯାଇଥିଲା । ପତ୍ରପୋଡ଼ା ରୋଗ ଦେଖାଦେଲା ପରେ Tebuconazole 50% + Trifloxystrobin 25% ମିଳିତ ଫିମ୍ପିନାଶକ ୧ଗ୍ରାମ/ଲିଟର ପ୍ରତି ଜଳରେ ଗୋଳାଇ ସିଞ୍ଚନ କରାଯିବାର ୧୦ ଦିନ ପରେ Imidachloprid 17.8 SL ଲିଟର ପ୍ରତି ୦.୫ ମିଲି ଓ ନିମ୍ବତେଲ ୨ ମିଲି ହାରରେ ସିଞ୍ଚନ କରାଯାଇଥିଲା । ଏହି ଉପଚାର ର ୧୦ ଦିନ ପରେ Fosetyl Al ଫିମ୍ପିନାଶକ ୧ ଗ୍ରାମ ଲିଟର ପ୍ରତି ସିଞ୍ଚନ ପରେ ଆଖିଦୃଷିଆ ଅମଳ ଏକରପ୍ରତି ୫୮.୫ କ୍ୱିଣ୍ଟାଲ୍ ଆସିଥିଲା ।

## ଧାନର ତଣ୍ଡିକଟା ରୋଗ ଉପରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନୀ



ଗତ ରବି ଋତୁରେ ହୀରାକୁଦ କେନାଲ ପ୍ଲାବିତ ଅଞ୍ଚଳରେ ଧାନର ତଣ୍ଡିକଟା ରୋଗ ନିୟନ୍ତ୍ରଣ ଉପରେ ଏକ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏହି ପ୍ରଦର୍ଶନୀରେ ଧାନ ବିହନକୁ Carboxin 37.5%+Thiram 37.5% ଫିମ୍ପିନାଶକରେ ବିହନ ବିଶୋଧନ କରାଯାଇଥିଲା । ଧାନ କେଣ୍ଡା ଫୁଲ ଉଡ଼େଇବା ପରେ Iso Prothiolone40 EC ଫିମ୍ପିନାଶକ ଲିଟର ପ୍ରତି ପାଣିରେ ୧.୫ ମିଲି ସିଞ୍ଚନ କରାଯାଇଥିଲା । ଏହି ପ୍ରୟୋଗ ଫଳରେ ଧାନକେଣ୍ଡା ୨୫.୮ ସେମି ହୋଇଥିଲା ଓ ଅମଳ ଏକର ପ୍ରତି ୧୬୭୮ କିଗ୍ରା ହୋଇଥିଲା ଯାହାକି ଚାଷୀଙ୍କ ଅମଳ ଅପେକ୍ଷା ୧୪.୮୬% ଅଧିକ ହୋଇଥିଲା ।

## ବିଲାତି ବାଇଗଣ ମୂଲ୍ୟଯୁକ୍ତ ପଦାର୍ଥ ପାଇଁ "ଅର୍କ ଅପେକ୍ଷା" କିସମର କ୍ଷେତ୍ର ପ୍ରଦର୍ଶନ



ଅତ୍ୟଧିକ ଅମଳ ସମୟରେ ବିଲାତି ବାଇଗଣର ବଜାରରେ ଦାମ୍ କମିଯାଉଥିବାରୁ ଚାଷୀମାନେ ବିକ୍ରି ସମୟରେ ଉଚିତ୍ ମୂଲ୍ୟ ପାଇପାରନ୍ତି ନାହିଁ । ଅଣଋତୁରେ ବିଲାତି ବାଇଗଣର ଅତ୍ୟଧିକ ଦାମ୍ ହୋଇଥିବାରୁ ଗ୍ରାହକମାନେ କିଣିବା ସମୟରେ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି । ତେଣୁ ଏହି ଉଭୟ ସମସ୍ୟାର ସମାଧାନ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅର୍କ ଅପେକ୍ଷା କିସମର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ନଳିତୁଆଁ, ଲେବିଡ଼ି, କୁଲଚାତୁକ୍ରା ଆଦି ଗ୍ରାମରେ ଆୟୋଜନ କରାଯାଇଥିଲା । ଏହି କିସମରୁ ଚାଷୀମାନେ ୩୩୭.୮ କ୍ୱିଣ୍ଟାଲ୍ ଅମଳ ପାଇଥିଲେ ଯାହାକି ପାରମ୍ପରିକ କିସମ ଅପେକ୍ଷା ୧୮.୮% ଅଧିକ ଥିଲା । ଏହା ବ୍ୟତୀତ ଏହି କିସମରୁ ୩୪% ବିଲାତି ବାଇଗଣ ପ୍ୟୁରୀ / ରସ ମିଳିଥିବା ସମୟରେ ପାରମ୍ପରିକ କିସମରୁ ୨୮% ପ୍ୟୁରୀ ମିଳିଥିଲା । ଏହାକୁ ଦେଖି ମହିଳା ଚାଷୀମାନେ ଅର୍କ ଅପେକ୍ଷା କିସମଟିକୁ ଆପଣେଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

## "ଏକ ପେଡ୍ ମା' କେ ନାମ୍" ଅନ୍ତର୍ଗତ କାର୍ଯ୍ୟକ୍ରମ



କୃଷି ବିଜ୍ଞାନ କେନ୍ଦ୍ର ତରଫରୁ "ଏକ ପେଡ୍ ମା କେ ନାମ୍" କାର୍ଯ୍ୟକ୍ରମରେ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ଏହା ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟର ନିଜସ୍ୱ ପରିସରରେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଉପସ୍ଥିତ ରହି ମା' ନାମରେ ଗୋଟିଏ ବୃକ୍ଷକୁ ଉତ୍ସର୍ଗ କରି ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ । ଏଥିରେ ପ୍ରାୟ ୨୭୦ରୁ ଉର୍ଦ୍ଧ୍ୱ ଚାଷୀମାନେ ଅଂଶଗ୍ରହଣ କରିଥଲେ । ଏହାକୁ ଅଧିକ ସଫଳ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଶାଗୁଆନ, ରାଧାଚୂଡ଼ା, ପଣସ ଆଦି ଗଛର ଚାରା ଚାଷୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ।

## ସ୍ୱଚ୍ଛତା ଅଭିଯାନରେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ



ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ସ୍ୱଚ୍ଛତା ଅଭିଯାନରେ ସାମିଲ୍ ହୋଇ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମର ଆୟୋଜନ କରିଥିଲା । ଏଥିରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏଥିପାଇଁ ଗ୍ରାମ ର୍‍ୟାଲି, ରାସ୍ତା ଓ ମନ୍ଦିର ହତା ସଫା, ସ୍କୁଲର ପରିସର ପରିଷ୍କାର, ଜମିରୁ ଅନାବନା ଘାସ ବାଛିବା ଆଦି କାର୍ଯ୍ୟ କରାଯାଇଥିଲା । ବିଦ୍ୟାଳୟରେ ଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆଦି କାର୍ଯ୍ୟ କରାଯାଇଥିଲା । ଏଥି ସହ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟରେ ନଥିପତ୍ର ଗୁଡ଼ିକୁ କାଗଜ ପରିବର୍ତ୍ତେ କମ୍ପ୍ୟୁଟରୀକରଣ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଏହା ସହ ପରିବେଶର ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରାକୃତିକ କୃଷିକୁ ଆପଣେଇବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା ।

## ବିଶ୍ୱ ମୃତ୍ତିକା ଦିବସ ପାଳନ



ଡିସେମ୍ବର ୫ ତାରିଖ ୨୦୨୩ ମସିହାରେ ବିଶ୍ୱମୃତ୍ତିକା ଦିବସ ବରଗଡ଼ ଜିଲ୍ଲାରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ ସହିତ ଅନ୍ୟ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫୦୦୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିବା ସହିତ ତାର ବ୍ୟବହାର କରିବା ଉପରେ ତାଲିମ ଦିଆଯାଇଥିଲା । ଏହା ସହିତ ରାସାୟନିକ ସାରର ପ୍ରୟୋଗକୁ କମ୍ କରି ଜୈବିକ ସାରର ପ୍ରୟୋଗ ଉପରେ ପ୍ରୋତ୍ସାହନ ଦିଆଯାଇଥିଲା ।